ଶ୍ରୀମତୀ ସନ୍ତୋଷ କୁମାରୀ ଇତ୍ୟାଦି

ବନାମ

ହରିୟାଣା ରାଜ୍ୟ

ଅଗଷ୍ଟ 28,1996

[କେ. ରାମାସ୍ୱାମୀ ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 4 (1), 23 (1-A) – କ୍ଷତିପୂରଣ – ଅଧିନିର୍ଣ୍ଣୟର – ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ବୃଦ୍ଧି କରାଯାଇଥିଲା – ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆହୁରି ବର୍ଦ୍ଧିତ – ଅପିଲରେ ଦର୍ଶାଯାଇଛି, ଯେତେବେଳେ ଆବାସ ବିକାଶ ପାଇଁ କ୍ଷେତ୍ରଫଳ ଆଧାରରେ କ୍ଷତିପୂରଣ ଅବଧାରଣ କରାଯାଏ ଏବଂ ଭୂମି ବିକଶିତ ହେବାକୁ ଥାଏ, ବିକାଶ ଶୁଳ୍କ ପାଇଁ 1/3 ଅଂଶ କାଟିବା ପାଇଁ ନିର୍ଦ୍ଦେଶ ଦିଆଯିବା ଆବଶ୍ୟକ – କ୍ଷତିପୂରଣର ଆହୁରି ବୃଦ୍ଧି ଆବଶ୍ୟକ ନୁହେଁ – ପକ୍ଷ ଅତିରିକ୍ତ ପରିମାଣ ପାଇବାକୁ ହକଦାର ନୁହଁନ୍ତି – ଉଚ୍ଚ ନ୍ୟାୟାଳୟ ଏହାକୁ ଭୁଲ ଭାବରେ ଦେଇଛନ୍ତି ।*

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 2251-52/1991 ଇତ୍ୟାଦି ।

ଆର୍.ଏଫ୍.ଏ. ସଂଖ୍ୟା 766 ଏବଂ 767/1984 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ତା 22.4.85 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଡି.ଭି. ସେହଗଲ, ଜେ.ଏସ୍. ମଲିକ, ଏ.ଭି. ପଲ୍ଲୀ, ସୁଶ୍ରୀ ରେଖା ପଲ୍ଲୀ ଏବଂ ଅତୁଲ ଶର୍ମା ।

ସି.ଏ. ସଂଖ୍ୟା 2251-52/91 ରେ ଅପିଲକାରୀଙ୍କ ପାଇଁ ପ୍ରଦୀପ ମିଶ୍ର ଏବଂ ସୁଶ୍ରୀ ରାଣୀ ଛାବ୍ରା ।

ଉତ୍ତରଦାତାଙ୍କ ପାଇଁ ଜସବୀର ମଲିକ ଏବଂ ପ୍ରେମ ମଲହୋତ୍ରା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଭୂମି ଅଧିଗ୍ରହଣ ଅଧିନିୟମ,1894 (1/1894) ର ଧାରା 4 (1) (ସଂକ୍ଷେପରେ, 'ଅଧିନିୟମ') ଅନ୍ତର୍ଗତ ଅଧିସୂଚନା ସେପ୍ଟେମ୍ବର 25,1979 ରେ ପାନିପଥର ପୌର ସୀମା ମଧ୍ୟରେ ସହରୀକରଣ ପାଇଁ ବହୁଳ ପରିମାଣର ଭୂମି ଅଧିଗ୍ରହଣ କରିବା ପାଇଁ ପ୍ରକାଶିତ

ହୋଇଥିଲା । ଭୂମି ଅଧିଗ୍ରହଣ ଅଧିକାରୀ ତା ଏପ୍ରିଲ 7,1981 ରିଖର ତାଙ୍କ ଅଧିନିର୍ଣ୍ଣୟରେ ବ୍ଲକ I ପାଇଁ ଏକର ପିଛା ଟ. 24,960 ଏବଂ ବ୍ଲକ - II ପାଇଁ ଏକର ପିଛା ଟ. 19,992 ହାରରେ କ୍ଷତିପୂରଣ ନିର୍ଦ୍ଧାରିତ କରିଥିଲେ । ସନ୍ଦର୍ଭରେ, ଅତିରିକ୍ତ ଜିଲ୍ଲା ବିଚାରପତି ତା ଜାନୁଆରୀ 24,1984 ରିଖର ତାଙ୍କ ଅଧିନିର୍ଣ୍ଣୟ ଏବଂ ଡିକ୍ରି ଦ୍ୱାରା କ୍ଷତିପୂରଣକୁ ବର୍ଗ ଗଜ ପିଛା ଟ. 18 ବୃଦ୍ଧି କରିଥିଲେ । ରାଜ୍ୟ ତଥା ଦାବିଦାରମାନଙ୍କ ଦ୍ୱାରା ପରବର୍ତ୍ତୀ ଅପିଲ ଉପରେ, ଉଚ୍ଚ ନ୍ୟାୟାଳୟ ବିକାଶ ଶୁଳ୍କ ପାଇଁ କୌଣସି ବିୟୋଗ ବିନା କ୍ଷତିପୂରଣକୁ ବର୍ଗ ଗଜ ପିଛା ଟ. 21.25 କୁ ବୃଦ୍ଧି କରିଥିଲେ । ଉଚ୍ଚ ନ୍ୟାୟାଳୟ ଅଧିନିୟମର ଧାରା 23 (1-A) ଅନ୍ତର୍ଗତ ଅତିରିକ୍ତ ପରିମାଣ ମଧ୍ୟ ମଞ୍ଜୁର କରିଛନ୍ତି । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ।

ଅପିଲକାରୀମାନଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ସେହଗଲ ଯୁକ୍ତି ବାଢ଼ିଥିଲେ ଯେ, ଜିଲ୍ଲା ବିଚାରପତିଙ୍କ ଦ୍ୱାରା ଭରସା କରାଯାଇଥିବା ଅଧିସୂଚନା ତା ଅକ୍ଟୋବର 10,1978 ରିଖର ତୃତୀୟ ଅଧିଗ୍ରହଣ ସହିତ ଜଡ଼ିତ ଥିବାବେଳେ ଏହି ମାମଲାରେ ଅଧିଗ୍ରହଣ ସେପ୍ଟେମ୍ବର 25,1979 ରେ ହୋଇଛି । ତେଣୁ, ବିଜ୍ଞ ବିଚାରପତି ପୂର୍ବ ମାମଲାଗୁଡ଼ିକରେ ମଞ୍ଜୁର ହୋଇଥିବା ଶୁଳ୍କ ପରିବର୍ତ୍ତେ ବର୍ଦ୍ଧିତ ଶୁଳ୍କ ମଞ୍ଜୁର କରିବା ଉଚିତ ଥିଲା । ଆମେ ଏହି ବିବାଦରେ କୌଣସି ଦୃଢତା ପାଇନାହୁଁ । ବାସ୍ତବରେ, ଅତିରିକ୍ତ ଜିଲ୍ଲା ବିଚାରପତି ଭୂମିର ଛୋଟ ଖଣ୍ଡ ଉପରେ ଭରସା କରି, ଯାହା ଉଚ୍ଚ ନ୍ୟାୟାଳୟଙ୍କ ଅନୁଗ୍ରହ ପାଇନଥିଲା, କ୍ଷତିପୂରଣ ବୃଦ୍ଧି କରିଥିଲେ । ଉଚ୍ଚ ନ୍ୟାୟାଳୟ ମଧ୍ୟ ତୁଳନାତ୍ମକ ମୂଲ୍ୟାଙ୍କନ ଉପରେ ଏବଂ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟଙ୍କ ସମ୍ମୁଖରେ ଉପସ୍ଥାପିତ ପ୍ରମାଣକୁ ବିଚାର କରି, ବର୍ଗ ଗଜ ପିଛା ଟ. 21.25 ହାରରେ କ୍ଷତିପୂରଣ ଅବଧାରଣ କରିଥିଲେ । ଏହା ସ୍ଥିରୀକୃତ ଆଇନ ଯେ, ଯେତେବେଳେ ଆବାସ ବିକାଶ ପାଇଁ କ୍ଷେତ୍ରଫଳ ଆଧାରରେ କ୍ଷତିପୂରଣ ଅବଧାରଣ କରାଯାଏ ଏବଂ ଭୂମି ବିକଶିତ ହେବାକୁ ଥାଏ, ସେତେବେଳେ ବିକାଶ ଶୁଳ୍କ ପାଇଁ 1/3 ଅଂଶ କାଟିବା ପାଇଁ ନିର୍ଦ୍ଦେଶ ଦିଆଯିବା ଆବଶ୍ୟକ । ଉଚ୍ଚ ନ୍ୟାୟାଳୟ ସେହି ନୀତିକୁ ଗ୍ରହଣ କରିନାହାଁନ୍ତି କିନ୍ତୁ ରାଜ୍ୟ ଅପିଲରେ ଆସିନାହାନ୍ତି । ଉଚ୍ଚ ନ୍ୟାୟାଳୟ ଅଧିନିୟମର ଧାରା 23 (1-A) ଅନ୍ତର୍ଗତ ଅତିରିକ୍ତ ପରିମାଣ ମଧ୍ୟ ମଞ୍ଜୁର କରିଛନ୍ତି ଯାହା ପାଇଁ ଅପିଲକାରୀମାନେ ହକଦାର ନୁହଁନ୍ତି । ଏଭଳି ପରିସ୍ଥିତିରେ, କ୍ଷତିପୂରଣକୁ ଆହୁରି ବୃଦ୍ଧି କରିବାର କୌଣସି ଆବଶ୍ୟକୀୟ ଯଥାର୍ଥତା ଆମେ ପାଉନାହୁଁ ।

ତଦନୁସାରେ ଅପିଲଗୁଡ଼ିକ ଖାରଜ ହେଲା କିନ୍ତୁ, ଏହି ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଜି.ଏନ୍.                                                    ଅପିଲଗୁଡ଼ିକ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**